# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19 November – 2025

**********************************

## ମୁଖ୍ୟ ସମ୍ବାଦ

- ଭାରତର ଯୁବପିଢ଼ି କୃଷିକୁ ଏକ ଆଧୁନିକ ସୁଯୋଗ ଭାବେ ଗ୍ରହଣ କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ

— ପିଏମ୍-କିଷାନ୍ ସମ୍ମାନନିଧି ଯୋଜନାରେ ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୧୮ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ

- ଏନ୍‌ଡିଏ ସଂସଦୀୟ ଦଳ ନେତା ଭାବେ ନିର୍ବାଚିତ ହେବା ପରେ ଆସନ୍ତାକାଲି ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ନୀତିଶ କୁମାର

- ପୁରୀ ଶ୍ରୀମନ୍ଦିରରେ ଆରମ୍ଭ ହେଲା ଶ୍ରୀଜୀଉମାନଙ୍କ ଦେବଦୀପାବଳି ଉତ୍ସବ

ଏବଂ

- ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ରେ ନାଗାଲାଣ୍ଡଙ୍କୁ ୨୯୯ ରନ୍‌ରେ ପରାସ୍ତ କଲା ଓଡ଼ିଶା

## ପିଏମ୍-କିଷାନ

ଭାରତର ଯୁବପିଢ଼ି କୃଷିକୁ ଏକ ଆଧୁନିକ ସୁଯୋଗ ଭାବରେ ଗ୍ରହଣ କରୁଛନ୍ତି, ଯାହା ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ତାମିଲନାଡୁର କୋଏମ୍ବାଟୁରଠାରେ ଆଜି ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଜୈବିକ କୃଷିର ଏକ କେନ୍ଦ୍ରସ୍ଥଳି ହେବାକୁ ଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଚାଷୀମାନଙ୍କୁ ଗୋଟିଏ ଋତୁ ପାଇଁ ଏକ ଏକର ଜମିରେ ଜୈବିକ ଚାଷ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

**- V/O -(PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି। ଗତ ୧୧ ବର୍ଷରେ କୃଷି କ୍ଷେତ୍ରରେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କୃଷି ରପ୍ତାନୀକୁ ଦ୍ୱି-ଗୁଣିତ କରିବା ସହ ସରକାର କୃଷି ପଦ୍ଧତିକୁ ଆଧୁନିକୀକରଣ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

## ସିଏମ୍-କିଷାନ

କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀମାନଙ୍କୁ ମିଳିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କୃଷିଭବନରେ ପିଏମ୍-କିଷାନ ସମ୍ମାନନିଧି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକମାନଙ୍କୁ ଉଚିତ

ସମୟରେ ବିହନ, ସାର, କୀଟନାଶକ ଆଦି କ୍ରୟ କରିବା ପାଇଁ କେନ୍ଦ୍ର ସରକାର ୩ଟି କିସ୍ତିରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଆଜି ରାଜ୍ୟର ୩୪ ଲକ୍ଷ ୧୨ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ୨ ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ଶ୍ରୀ ମାଝୀ କହିଛନ୍ତି, ସିଏମ୍-କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କ୍ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ଯୋଜନାରେ ୨୦୨୪-୨୫ ଶିକ୍ଷାବର୍ଷରେ ୧୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ୫୩ କୋଟି ୬୭ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଷ୍ଟିଲପ୍ଲାଣ୍ଟ ସମ୍ପ୍ରସାରଣ

କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଓ ଉତ୍ପାଦନ ବୃଦ୍ଧି ନେଇ ଆଲୋଚନା କରିଛନ୍ତି। ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସୁରୁଖୁରୁରେ କରିବା ନିମନ୍ତେ ଆଲୋଚନା ହୋଇଛି। ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାରଖାନାର ବାର୍ଷିକ କ୍ଷମତା ୪ ଦଶମିକ ୫ ମିଲିୟନ୍ ଟନ୍‌ରୁ ୯ ଦଶମିକ ୫ ମିଲିୟନ୍ ଟନ୍‌କୁ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏଥିସହ ରାଉରକେଲା ବିମାନବନ୍ଦରର ଉନ୍ନତୀକରଣ

କାର୍ଯ୍ୟ ଜାରି ରହିଛି । ଆସନ୍ତା ୪ ମାସ ମଧ୍ୟରେ ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ କହିଛନ୍ତି ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ୍ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସମ୍ମିଳନୀ

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନସ୍ଥିତ ସମ୍ମିଳନୀକକ୍ଷରେ ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ ଆଜି ଉଦ୍‌ଯାପିତ ହେଉଛି । ଦ୍ୱିତୀୟ ଦିନର ଆଜି ପ୍ରଥମ ଅଧିବେଶନରେ ରାଜ୍ୟ ଆଇନ୍, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସହରର ଉନ୍ନତି' ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ ବୋଲି କହିଛନ୍ତି । ଆଗାମୀ ୫୦ରୁ ଊର୍ଦ୍ଧ୍ୱ ବର୍ଷକୁ ଦୃଷ୍ଟିରେ ରଖି ସହରର ଯୋଜନାବଦ୍ଧ ନକ୍ସା ପ୍ରସ୍ତୁତ କରିବାକୁ ଶ୍ରୀ ହରିଚନ୍ଦନ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ପୂରଣ କରିବା ଲାଗି ବ୍ୟାପକ ସହରୀକରଣର ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଲୋକପାତ କରିଛନ୍ତି । ମନ୍ତ୍ରୀ ଡକ୍ଟର ମହାପାତ୍ର ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପ୍ରାଥମିକତା ରହିଛି ବୋଲି କହିଛନ୍ତି ।

## ଦେବ ଦୀପାବଳି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ୩ଦିନ ଧରି ମହାପ୍ରଭୁଙ୍କର ଦେବଦୀପାବଳି ନୀତି ଅନୁଷ୍ଠିତ ହେଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶୀର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥିରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ଦୀପ ଦାନ କରିବାର ପରମ୍ପରା ରହିଛି । ଏହି ୩ ଦିନ ଶ୍ରୀଜୀଉମାନେ ଶ୍ରାଦ୍ଧ ବେଶରେ ସଜ୍ଜିତ ହେବା ସହ ଅଦିତି ଓ କଶ୍ୟପ, ତ୍ରେତୟାର କୌଶଲ୍ୟା ଓ ଦଶରଥ, ଦ୍ୱାପର ଯୁଗର ଦେବକୀ ଓ ବସୁଦେବ ଏବଂ ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପ ଦାନ କରିବାର ପରମ୍ପରା ରହିଛି ।

# ଶୌଚାଳୟ ଦିବସ

ଉନ୍ନତ ସ୍ୱାସ୍ଥ୍ୟ ଓ ସୁସ୍ଥ ସମାଜ ପାଇଁ ଶୌଚାଳୟର ଆବଶ୍ୟକତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି । ଜନସାଧାରଣଙ୍କ ମଧ୍ୟରେ ପରିମଳ ସଂକଟର ମୁକାବିଲା ଏବଂ ସମସ୍ତଙ୍କୁ ଶୌଚାଳୟ ଉପଲବ୍ଧ କରାଇବା ଲାଗି ୨୦୦୧ ମସିହାରୁ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ **'ପରିବର୍ତ୍ତନଶୀଳ ବିଶ୍ୱରେ ପରିମଳ- ଶୌଚାଳୟର ସବୁବେଳେ ରହିବ ଆବଶ୍ୟକତା'**ର ବାର୍ତ୍ତା ନେଇ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି ।

ଏ ସମ୍ପର୍କରେ ପରିବେଶ ବିତ୍ **ଜୟକୃଷ୍ଣ ପାଣିଗ୍ରାହୀ** ଆକାଶବାଣୀକୁ କହିଛନ୍ତି....

## - V/O -(ଜୟକୃଷ୍ଣ ପାଣିଗ୍ରାହୀ)

**କେନ୍ଦୁଝର** ଜିଲ୍ଲା ପ୍ରଶାସନ ପକ୍ଷରୁ 'ଆମ ଶୌଚାଳୟ-ଆମ ଭବିଷ୍ୟତ' ବାର୍ତ୍ତା ନେଇ ବିଶ୍ୱ ଶୌଚାଳୟ ଦିବସ  ପାଳନ କରାଯାଇଛି। ଜିଲ୍ଲାରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ।

## ଏକତା ପଦଯାତ୍ରା

**ବଲାଙ୍ଗିର** ଜିଲ୍ଲାର ଲୋଇସିଙ୍ଗା କଲେଜ୍ ପଡିଆଠାରେ ଜିଲ୍ଲା ପ୍ରଶାସନ ଏବଂ ମୋ ଯୁବ ଭାରତ ସହ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ।

## ସର୍ଗିଫୁଲ

**କେନ୍ଦୁଝର**ର ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହ ପକ୍ଷରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ସର୍ଗିଫୁଲ ଓ ବିଜ୍ଞାନମେଳା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କଠାରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସର୍ଗିଫୁଲ ଉତ୍ସବ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି। ଏଥିରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସର୍ଗିଫୁଲ କାର୍ଯ୍ୟକ୍ରମରେ ୧୬ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ପାଠଚକ୍ର

**ନୟାଗଡ଼** ଜିଲ୍ଲା ଖଣ୍ଡପଡ଼ା ପଠାଣୀସାମନ୍ତ ମହାବିଦ୍ୟାଳୟ ସଭାଗୃହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସ୍ୱଚ୍ଛ ସଲିଳା ମହାପାତ୍ରଙ୍କ ସଭାପତିତ୍ୱରେ

ଦୁଇଦିନିଆ ରାଜ୍ୟସ୍ତରୀୟ ପାଠଚକ୍ର ଉଦ୍‌ଘାଟିତ ହୋଇଯାଇଛି । ପିଏମ୍-ଉଷା ସହଯୋଗ ଓ ଉଭିଦ ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଅଶୋକ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଗାମୀ ପିଢ଼ି ପାଇଁ ଜୈବ ବିବିଧତା ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ ।

## ଆଇଏଫ୍ଏଫ୍ଆଇ-ବ୍ୟାଗ୍ରାଉଣ୍ଡ

ଗୋଆରେ ଆସନ୍ତାକାଲିଠାରୁ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.-୨୦୨୫ ଆରମ୍ଭ ହେବ । ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଐତିହାସିକ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଶୁଭାରମ୍ଭ ହେବ । ୮୦ରୁ ଅଧିକ ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଏଥିରେ ଅଂଶଗ୍ରହଣ କରିବା ସହ ୨୭୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପଞ୍ଜିମ ଠାରେ ୮ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଗୋଆର ୫ଟି ପ୍ରମୁଖ ସ୍ଥାନରେ ଚଳଚ୍ଚିତ୍ର ଗୁଡ଼ିକର ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

### ରଣଜୀ

ଭୁବନେଶ୍ୱରର କିଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ’ କ୍ରିକେଟ୍ ମ୍ୟାଚ୍‌ରେ ଆଜି ନାଗାଲାଣ୍ଡକୁ ୨୯୯ ରନ୍‌ରେ ପରାସ୍ତ କରି ଓଡ଼ିଶା

ବିଜୟୀ ହୋଇଛି। ଓଡ଼ିଶା ପ୍ରଥମ ଇନିଂସ୍‌ରେ ବ୍ୟାଟିଂ କରି ୨୭୫ ରନ୍ କରିଥିବାବେଳେ ନାଗାଲାଣ୍ଡ ୧୬୧ ରନ୍ କରିଥିଲା। ଦ୍ୱିତୀୟ ଇନିସ୍‌ରେ ଓଡ଼ିଶା ୫ ୱିକେଟ୍ ବିନିମୟରେ ୩୫୦ ରନ୍ କରି ପାଳି ସମାପ୍ତ ଘୋଷଣା କରିଥିଲା। ନାଗାଲାଣ୍ଡ ଦଳ ୧୬୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରୁ ଓଡ଼ିଶା ୭ ପଏଣ୍ଟ୍ ହାସଲ କରି ଷଷ୍ଠ ସ୍ଥାନ ଅଧିକାର କରିଛି।